# NATIONAL NEWS BULLETIN (ODIA)

## 25 February - 2026

## Morning Bulletin : 7.15 a.m.

**********************************

## ମୁଖ୍ୟ ସମ୍ବାଦ

- ଇସ୍ରାଏଲ୍‌କୁ ଆଜିଠାରୁ ଦୁଇଦିନିଆ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ ।

– ଇସ୍ରାଏଲ୍ ସଂସଦ ନେସେଟ୍‌କୁ କରିବେ ସମ୍ବୋଧନ ।

- ନାଗରିକଙ୍କ ସ୍ୱାସ୍ଥ୍ୟ ଏକ ସାମୂହିକ ଦାୟିତ୍ୱ – ଏଥିପାଇଁ ସମସ୍ତଙ୍କୁ ମିଳିମିଶି କାର୍ଯ୍ୟକରିବାକୁ ଆହ୍ୱାନ ଦେଲେ ରାଷ୍ଟ୍ରପତି ।

- କୃଷକ କଲ୍ୟାଣ ପାଇଁ ଆବଣ୍ଟିତ କେନ୍ଦ୍ରୀୟ ପାଣ୍ଠିକୁ ଆସନ୍ତା ମାସ ସୁଦ୍ଧା ଶତପ୍ରତିଶତ ଉପଯୋଗ କରିବା ଉପରେ ରାଜ୍ୟଗୁଡ଼ିକୁ କୃଷି ମନ୍ତ୍ରୀଙ୍କ ପରାମର୍ଶ ।

- ରୁଷ-ୟୁକ୍ରେନ୍ ମଧ୍ୟରେ ତୁରନ୍ତ ତଥା ନିସର୍ତ୍ତ ଯୁଦ୍ଧବିରତି ଆଧାରିତ ମିଳିତ ଜାତିସଂଘ ସାଧାରଣସଭା ଚିଠା ପ୍ରସ୍ତାବ ଉପରେ ଭୋଟ୍‌ରୁ ବିରତ ରହିଲା ଭାରତ ।

ଏବଂ

- ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାର ଗତକାଲିର ମ୍ୟାଚ୍‌ରେ ପାକିସ୍ତାନ ବିପକ୍ଷରେ ଇଂଲଣ୍ଡ ଦୁଇ ଓ୍ୱିକେଟ୍‌ରେ ବିଜୟୀ ।

# ପିଏମ୍-ଇସ୍ରାଏଲ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜିଠାରୁ ଦୁଇଦିନିଆ ଇସ୍ରାଏଲ୍ ଗସ୍ତରେ ଯିବେ । ଏହା ହେବ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କର ଦ୍ୱିତୀୟ ଇସ୍ରାଏଲ୍ ଗସ୍ତ । ଏହି ଅବସରରେ ସେ ତାଙ୍କର ଇସ୍ରାଏଲ୍ ପ୍ରତିପକ୍ଷ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ସହିତ ଆପୋଷ ସ୍ୱାର୍ଥ ସମ୍ବଳିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଆଞ୍ଚଳିକ ଓ ବୈଶ୍ୱିକ ପ୍ରସଙ୍ଗରେ ଆଲୋଚନା କରିବେ । ଉଭୟ ନେତା ଭାରତ-ଇସ୍ରାଏଲ୍ ରଣନୈତିକ ଭାଗିଦାରିର ଉଲ୍ଲେଖନୀୟ ପ୍ରଗତିର ସମୀକ୍ଷା କରିବା  ସହିତ ବିଜ୍ଞାନ ଓ କାରିଗରି କୌଶଳ, ନବସୃଜନତା, ପ୍ରତିରକ୍ଷା, ନିରାପତ୍ତା, କୃଷି, ଜଳ ପରିଚାଳନା, ବାଣିଜ୍ୟ ଓ ଅର୍ଥନୀତି ଏବଂ ଜନସମ୍ପର୍କ ସମେତ ବିଭିନ୍ନ ପ୍ରସଙ୍ଗରେ ଦୁଇ ଦେଶ ମଧ୍ୟରେ ସହଯୋଗକୁ ଅଧିକ ସଶକ୍ତ କରିବା ଦିଗରେ ଆଲୋଚନା କରିବେ । ଏତଦ୍‌ବ୍ୟତୀତ ଶ୍ରୀ ମୋଦୀ ଇସ୍ରାଏଲ୍‌ର ରାଷ୍ଟ୍ରପତି ଆଇଜାକ୍ ହେର୍‌ଜଗ୍‌ଙ୍କ ସହିତ ମଧ୍ୟ ସାକ୍ଷାତ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ଇସ୍ରାଏଲ୍‌ରେ ଅବସ୍ଥାପିତ ଭାରତର ରାଷ୍ଟ୍ରଦୂତ ଜେ.ପି. ସିଂହ ଆକାଶବାଣୀର ପ୍ରତିନିଧିଙ୍କୁ କହିଛନ୍ତି, ଇସ୍ରାଏଲ୍ ସଂସଦ ନେସେଟ୍‌କୁ ମଧ୍ୟ ଶ୍ରୀ ମୋଦୀ ଆଜି ସମ୍ବୋଧନ କରିବେ । ଇସ୍ରାଏଲ୍ ସଂସଦକୁ ସମ୍ବୋଧନ କରିବାରେ ଶ୍ରୀ ମୋଦୀ ହେବେ ପ୍ରଥମ ଭାରତୀୟ ନେତା ।

ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମ୍ପର୍କରେ ସୂଚନା ଦେଇ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି, ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ ଦ୍ୱାରା ଭାରତ-ଇସ୍ରାଏଲ୍ ମଧ୍ୟରେ ଥିବା ବହୁଦିନର ରଣନୈତିକ ଭାଗିଦାରୀ ଅଧିକ ସଶକ୍ତ ହେବା ସହିତ ଏହି ଦୁଇ ଗଣତାନ୍ତ୍ରିକ ଦେଶ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ସହଯୋଗ ସୁଦୃଢ଼ ହୋଇପାରିବ ।

## ଇଣ୍ଡିଆ-ଇସ୍ରାଏଲ୍ କାଉଣ୍ଟର ଟେରୋରିଜିମ୍

ଆତଙ୍କବାଦ ଏବଂ ଆତଙ୍କବାଦୀ ସଂଗଠନ ସହିତ ସଂଶ୍ଳିଷ୍ଟ ବ୍ୟକ୍ତିବିଶେଷ, ସମର୍ଥକ, ପ୍ରାୟୋଜକ ଏବଂ ଆର୍ଥିକ ସହାୟତା ପ୍ରଦାନକାରୀଙ୍କ ବିରୁଦ୍ଧରେ ଦ୍ୱିପାକ୍ଷିକ ସହଯୋଗ ନେଇ ଭାରତ-ଇସ୍ରାଏଲ୍ ଅଙ୍ଗୀକାରବଦ୍ଧତା ପ୍ରକାଶ କରିଛନ୍ତି । ନୂଆଦିଲ୍ଲୀରେ ଅନୁଷ୍ଠିତ ଭାରତ-ଇସ୍ରାଏଲ୍ ଆତଙ୍କବାଦ ବିରୋଧି ମିଳିତ କାର୍ଯ୍ୟଗୋଷ୍ଠୀର ଦଶମ ବୈଠକରେ ଉଭୟ ପକ୍ଷ ଆତଙ୍କବାଦର ସମସ୍ତ ପ୍ରକାର କାର୍ଯ୍ୟକଳାପକୁ ସ୍ପଷ୍ଟ ଭାବେ ନିନ୍ଦା କରିଛନ୍ତି । ଆତଙ୍କବାଦୀ କାର୍ଯ୍ୟକଳାପର ମୁକାବିଲା ପାଇଁ ନିରନ୍ତର, ବ୍ୟାପକ ଏବଂ ସମନ୍ୱିତ କାର୍ଯ୍ୟାନୁଷ୍ଠାନ ଉପରେ ଉଭୟ ଦେଶ ଗୁରୁତ୍ୱ ପ୍ରଦାନ କରିଛି ।

ଭାରତୀୟ ପ୍ରତିନିଧି ମଣ୍ଡଳୀର ନେତୃତ୍ୱ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଆତଙ୍କବାଦ ବିରୋଧି ଯୁଗ୍ମ ସଚିବ ଡକ୍ଟର ବିନୋଦ ବାହାଡ଼େ ନେଇଥିଲେ । ଇସ୍ରାଏଲ୍ ବୈଦେଶିକ ମନ୍ତ୍ରଣାଳୟର ଷ୍ଟ୍ରାଟେଜିକ୍ ବ୍ୟାପାର ବିଭାଗର ବ୍ୟୁରୋ ମୁଖ୍ୟ ନାଦବ୍ ଏଶ୍ଚର ଇସ୍ରାଏଲ୍ ପ୍ରତିନିଧି

ମଣ୍ଡଳୀର ନେତୃତ୍ୱ ନେଇଥିଲେ । ମିଳିତ କାର୍ଯ୍ୟକାରୀ ଗୋଷ୍ଠୀର ପରବର୍ତ୍ତୀ ବୈଠକ ଇସ୍ରାଏଲ୍‌ରେ ଅନୁଷ୍ଠିତ ହେବା ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଛି ।

## ପ୍ରେଜ୍-ମହାରାଷ୍ଟ୍ର ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ନାଗରିକଙ୍କ ସ୍ୱାସ୍ଥ୍ୟ ଏକ ସାମୂହିକ ଦାୟିତ୍ୱ ଏବଂ ଏଥିରେ ସମସ୍ତ ଅଂଶିଦାର ମିଳିମିଶି କାର୍ଯ୍ୟ କରିବା ଉଚିତ୍ । ମୁମ୍ବାଇରେ ପି.ଡି. ହିନ୍ଦୁଜା ହସ୍ପିଟାଲ୍‌ର ଦେଶବ୍ୟାପି ଅଭିଯାନ 'ଜୀବନରକ୍ଷା ଏବଂ ଏକ ସୁସ୍ଥ ଭାରତ ନିର୍ମାଣ'ର ଶୁଭାରମ୍ଭ କରିବା ଅବସରରେ ରାଷ୍ଟ୍ରପତି ଏହା କହିଛନ୍ତି । ସେ କହିଛନ୍ତି, ସମ୍ମିଳିତ ଉଦ୍ୟମ ଦ୍ୱାରା ତୃଣମୂଳ ସ୍ତରରେ ସମୟୋପଯୋଗୀ ସ୍ୱାସ୍ଥ୍ୟସେବା ପ୍ରଦାନ କରାଯାଇପାରିବ । ଗତ ଦଶନ୍ଧି ମଧ୍ୟରେ ଦେଶରେ ନାଗରିକଙ୍କ ସୁସ୍ଥ ଜୀବନଶୈଳୀ ଏବଂ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରଦାନକୁ ନିଶ୍ଚିତ କରିବା ଲକ୍ଷ୍ୟ ନେଇ ସରକାର ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି । ନବସୃଜନ ଏବଂ ନୂତନ ପ୍ରଯୁକ୍ତିବିଦ୍ୟାର ଉପଯୋଗ ମାଧ୍ୟମରେ ଏକ ସ୍ୱାସ୍ଥ୍ୟସେବା ଅନୁକୂଳ ଇକୋସିଷ୍ଟମ୍ ସୃଷ୍ଟି କରିବାକୁ ସରକାର ପ୍ରୟାସ ଜାରି ରଖିଛନ୍ତି ବୋଲି ରାଷ୍ଟ୍ରପତି କହିଛନ୍ତି ।

ଦୁଇ ଦିନିଆ ମହାରାଷ୍ଟ୍ର ଗସ୍ତରେ ଯାଇ ରାଷ୍ଟ୍ରପତି ଗତକାଲି ମୁମ୍ବାଇଠାରେ ପହଞ୍ଚିଥିଲେ । ଆଜି ବୁଲଧାନା ଜିଲ୍ଲାର ସେଗାଓଁଠାରେ ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଜାତୀୟ ଆରୋଗ୍ୟ ମେଳା

୨୦୨୬ର ଉଦ୍‌ଘାଟନ କରିବା ସହ ରାଷ୍ଟ୍ରପତି ନାଗପୁରଠାରେ ପ୍ରଜାପିତା ବ୍ରହ୍ମାକୁମାରୀ ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

## ମେଇଟି-କମିଟି

ଡିଜି ଲକର ସହିତ ସଂଶ୍ଳିଷ୍ଟ ନୀତିନିୟମ ଗୁଡ଼ିକର ସମୀକ୍ଷା ଏବଂ ଏହାର କାର୍ଯ୍ୟାନ୍ୱୟନ ଲକ୍ଷ୍ୟ ନେଇ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରଣାଳୟ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛି । ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ସାମ୍ପ୍ରତିକ ପ୍ରଯୁକ୍ତିବିଦ୍ୟା ଏବଂ ଆଇନ୍‌ଗତ ବ୍ୟବସ୍ଥା ଆଧାରିତ କାର୍ଯ୍ୟକ୍ଷମ ରହିଥିବା ଡିଜି ଲକର ନିଅମ ଗୁଡ଼ିକର କମିଟି ଯାଞ୍ଚ୍ କରିବ । ଡିଜି ଲକର ସିଷ୍ଟମ୍‌କୁ ଅଧିକ ବ୍ୟାପକ କରିବା ଲକ୍ଷ୍ୟ ନେଇ ଭବିଷ୍ୟତର କାର୍ଯ୍ୟପନ୍ଥା ପ୍ରସ୍ତୁତ କରାଯିବ । ମନ୍ତ୍ରଣାଳୟର ସଚିବ ଅଜୟ ସହନେଙ୍କ ନେତୃତ୍ୱରେ ଏହି କମିଟି ଗଠିତ ହୋଇଛି । ଏଥିରେ ଆଇନ୍, ପ୍ରଯୁକ୍ତିବିଦ୍ୟା ବିଶେଷଜ୍ଞ ଏବଂ ଶିଳ୍ପ କ୍ଷେତ୍ରର ପ୍ରତିନିଧି ସଦସ୍ୟ ଭାବେ ରହିଛନ୍ତି ।

## ଶିବରାଜ-ମିଟିଂ

ରାଜ୍ୟଗୁଡ଼ିକୁ କୃଷକ କଲ୍ୟାଣ ପାଇଁ ଆବଣ୍ଟିତ ପାଣ୍ଠିକୁ ଆସନ୍ତା ମାର୍ଚ୍ଚ ମାସ ଶେଷ ସୁଦ୍ଧା ଶତପ୍ରତିଶତ ଉପଯୋଗ କରିବା ନେଇ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଗୁରୁତ୍ୱ ପ୍ରଦାନ କରିଛନ୍ତି । ନୂଆଦିଲ୍ଲୀରେ ଗତକାଲି ବିଭିନ୍ନ ରାଜ୍ୟର କୃଷି ମନ୍ତ୍ରୀ ଏବଂ ବରିଷ୍ଠ ଅଧିକାରୀଙ୍କ ସହ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ବୈଠକରେ ଅଧ୍ୟକ୍ଷତା କରି ଶ୍ରୀ ସିଂହ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାର ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି । ତୃଣମୂଳ ସ୍ତରରେ ଚାଷୀଙ୍କ ପାଖରେ କଲ୍ୟାଣକାରୀ ଯୋଜନାଗୁଡ଼ିକର ସୁଫଳ ପହଞ୍ଚାଇବା ନେଇ କେନ୍ଦ୍ରୀୟ ପାଣ୍ଠିର ସମୟୋଚିତ ବ୍ୟବହାର ଉପରେ ସେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଆତ୍ମନିର୍ଭରଶୀଳତା ମିଶନ୍ ଅଧୀନରେ ପୂର୍ବ ପଞ୍ଜିକୃତ ଚାଷୀଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ଡାଲି ଜାତୀୟ ଶସ୍ୟ ଆସନ୍ତା ୨୦୩୦-୩୧ ସୁଦ୍ଧା କେନ୍ଦ୍ରୀୟ ନୋଡାଲ୍ ସଂସ୍ଥାଗୁଡ଼ିକ ଦ୍ୱାରା କ୍ରୟ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ଚୌହାନ ସୂଚନା ଦେଇଛନ୍ତି ।

## ଇଣ୍ଡିଆ-କେନିଆ

କୃଷି କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି ଲକ୍ଷ୍ୟ ନେଇ ଗତକାଲି ଭାରତ ଓ କେନିଆ ମଧ୍ୟରେ ପ୍ରଥମ ମିଳିତ କାର୍ଯ୍ୟକାରୀ ଗୋଷ୍ଠୀ ବୈଠକ ଅନୁଷ୍ଠିତ ହୋଇଛି । କୃଷି ଓ କୃଷକ କଲ୍ୟାଣ ବିଭାଗର ଯୁଗ୍ମ ସଚିବ ଅଜିତ

କୁମାର ସାହୁ ଏବଂ କେନିଆର ବୈଦେଶିକ ତଥା ପ୍ରବାସୀ ବ୍ୟାପାର ମନ୍ତ୍ରଣାଳୟର ପ୍ରତିନିଧି ଷ୍ଟିଫେନ୍ ରୋନୋଙ୍କ ଅଧ୍ୟକ୍ଷତାରେ ଆଭାସି ମାଧ୍ୟମରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । କୃଷି କ୍ଷେତ୍ରରେ ରହିଥିବା ଆହ୍ୱାନ ଗୁଡ଼ିକର ସମାଧାନ ଏବଂ ଭବିଷ୍ୟତ କାର୍ଯ୍ୟପନ୍ଥା ନେଇ ଉଭୟ ପକ୍ଷ ମତବିନିମୟ କରିଛନ୍ତି ।

## ୟୁଏନ୍ ରେଜଲ୍ୟୁସନ୍ ଇଣ୍ଡିଆ

ରୁଷ-ୟୁକ୍ରେନ୍ ମଧ୍ୟରେ ତୁରନ୍ତ ତଥା ନିସର୍ତ୍ତ ଯୁଦ୍ଧ ବିରତି ଆଧାରିତ ମିଳିତ ଜାତିସଂଘ ସାଧାରଣ ସଭାର ଚିଠା ପ୍ରସ୍ତାବ ଉପରେ ଭାରତ ନିଜକୁ ଭୋଟ୍ ଦେବାରୁ ବିରତ ରଖିଥିଲା । ୟୁକ୍ରେନ୍‌ରେ ସ୍ଥାୟୀ ଶାନ୍ତି ପାଇଁ ସମର୍ଥନ ଶୀର୍ଷକ ଏହି ପ୍ରସ୍ତାବଟି ୟୁକ୍ରେନ୍ ଉପରେ ରୁଷ ଆକ୍ରମଣର ଚତୁର୍ଥ ବାର୍ଷିକୀ ପାଳନ ଅବସରରେ ଗୃହିତ ହୋଇଥିଲା । ଏହାକୁ ୧୯୩ଟି ସଦସ୍ୟ ରାଷ୍ଟ୍ର ମଧ୍ୟରୁ ୧୦୭ଟି ରାଷ୍ଟ୍ର ସପକ୍ଷରେ ଭୋଟ ଦେଇଥିବା ବେଳେ ୧୨ଟି ରାଷ୍ଟ୍ର ବିପକ୍ଷରେ ଏବଂ ୫୧ଟି ରାଷ୍ଟ୍ର ଭୋଟରୁ ବିରତ ରହିଥିଲା ।

## ନଡ୍ଡା-ଇ ଆଇସିୟୁ

କୃତ୍ରିମ ବୁଦ୍ଧିମତା ଆଧାରିତ ସ୍ୱାସ୍ଥ୍ୟସେବା ସମୟୋଚିତ ପଦକ୍ଷେପ, ସଠିକ ନିର୍ଣ୍ଣୟ ଏବଂ ନିରନ୍ତର ସେବା ପ୍ରଦାନକୁ ସୁନିଶ୍ଚିତ କରିଥାଏ ବୋଲି

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା କହିଛନ୍ତି । ଗାଜିଆବାଦର ଯଶୋଦା ମେଡିସିଟିରେ ଏ.ଆଇ. ଆଧାରିତ ଇ-ଆଇ.ସି.ୟୁ., କମାଣ୍ଡ ସେଣ୍ଟରର ଉଦ୍‌ଘାଟନ କରିବା ଅବସରରେ ଶ୍ରୀ ନଡ୍ଡା କହିଛନ୍ତି, ଏଭଳି ପଦକ୍ଷେପ ଜରୁରୀ ତଥା ତ୍ୱରିତ ଚିକିତ୍ସା ପ୍ରଦାନରେ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇପାରିବ । ଜିଲ୍ଲା ହସ୍ପିଟାଲ୍ ସ୍ତରରେ ଚିକିତ୍ସା ସମନ୍ୱୟ ବୃଦ୍ଧି ଏ ସଂକ୍ରାନ୍ତ ମାନଦଣ୍ଡକୁ କାର୍ଯ୍ୟକାରୀ କରିବା ଏବଂ ସୁ-ବ୍ୟବସ୍ଥିତ ମାର୍ଗଦର୍ଶନ ମାଧ୍ୟମରେ ତୃଣମୂଳ ସ୍ତରରେ ଡାକ୍ତରୀ ଦଳକୁ ସହଯୋଗ ପ୍ରଦାନ କରି ସେବା କ୍ଷେତ୍ରକୁ ସୁଦୃଢ଼ କରାଯାଇ ପାରିବ ବୋଲି ଶ୍ରୀ ନଡ୍ଡା ଆଶାବ୍ୟକ୍ତ କରିଛନ୍ତି । ଆଗାମୀ ଦୁଇ ବର୍ଷ ମଧ୍ୟରେ ଦେଶର ସମସ୍ତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଗୁଡ଼ିକ ପାଇଁ ଏନ୍.ୟୁ.ଏ.ଏସ୍. ପ୍ରମାଣପତ୍ର ହାସଲ କରିବା ନିଶ୍ଚିତ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ସେ ସୂଚନା ଦେଇଛନ୍ତି ।

## ଏଆଇ ସମିଟ-ବ୍ୟାଙ୍କିଙ୍ଗ୍

ତଥ୍ୟ ବିଶ୍ଳେଷଣକୁ ଆଧାର କରି ଠକେଇ ବିପଦର ପୂର୍ବାନୁମାନ ସହ ଗ୍ରାହକଙ୍କୁ ସହଯୋଗ ପ୍ରଦାନ ଉନ୍ନତ କରି ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି । ଆକାଶବାଣୀ ସମ୍ବାଦ ବିଭାଗ ସହ ଆଲୋଚନାକାଳରେ ବ୍ଲୁ ମେସିନ୍‌ସ୍ ଏ.ଆଇ.ର ବ୍ୟବସାୟ ମୁଖ୍ୟ ଅର୍ପଣ ଖୋସଲା ଏହା କହିଛନ୍ତି । ଦିଲ୍ଲୀରେ ଅନୁଷ୍ଠିତ ଭାରତ କୃତ୍ରିମ ବୁଦ୍ଧିମତା ପ୍ରଭାବ ସମ୍ମିଳନୀର ସଫଳତା ଉପରେ ମତବ୍ୟକ୍ତ କରି ସେ

କହିଛନ୍ତି, କୃତ୍ରିମ ବୁଦ୍ଧିମତା ଭାରତର ବ୍ୟାଙ୍କିଙ୍ଗ୍ ଇକୋସିଷ୍ଟମ୍‌କୁ ରୂପାନ୍ତରିତ କରୁଥିବା ସହ ସ୍ୱର ଆଧାରିତ ଗ୍ରାହକଙ୍କ ପ୍ରଶ୍ନଠାରୁ ଆରମ୍ଭ କରି ଅନ୍ୟାନ୍ୟ ଆନୁସଙ୍ଗୀକ କାର୍ଯ୍ୟ କୃତ୍ରିମ ବୁଦ୍ଧିମତା ମାଧମରେ ପରିଚାଳିତ ହେଉଛି । ଏହାଦ୍ୱାରା କାର୍ଯ୍ୟକାଳ ସମୟ ହ୍ରାସ ପାଇବା ସହ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ଦକ୍ଷତା ବୃଦ୍ଧି ପାଇଛି । ଏହି ସମ୍ମିଳନୀ ଭାରତକୁ ଏକ ଗ୍ରାହକ ଭାବରେ ନୁହଁ ବରଂ କୃତ୍ରିମ ବୁଦ୍ଧିମତା ପ୍ରଯୁକ୍ତିବିଦ୍ୟାର ନିର୍ମାତା ଭାବେ ଉପସ୍ଥାପନ କରିଛି ବୋଲି ସେ କହିଛନ୍ତି ।

# କ୍ରିକେଟ୍

ଆଇ.ସି.ସି. ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାରେ ଗତକାଲିର ସୁପର୍-ଏଇଟ୍ ପର୍ଯ୍ୟାୟ ମ୍ୟାଚ୍‌ରେ ଇଂଲଣ୍ଡ ବିଜୟୀ ହୋଇଛି । ଶ୍ରୀଲଙ୍କାର ପାଲେକେଲେ ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଇଂଲଣ୍ଡ ପାକିସ୍ତାନକୁ ୨ ୱିକେଟ୍‌ରେ ପରାସ୍ତ କରିଛି । ଟସ୍ ଜିତି ପାକିସ୍ତାନ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ୍ ବିନିମୟରେ ୧୬୪ରନ୍ ସଂଗ୍ରହ କରିଥିଲା । ଜବାବରେ ଇଂଲଣ୍ଡ ୧୯ ଓଭର ଗୋଟିଏ ବଲ୍‌ରେ ୮ ୱିକେଟ୍ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରିପାରିଥିଲା । ଦଳ ପକ୍ଷରୁ ଅଧିନାୟକ ହ୍ୟାରି ବ୍ରୁକ୍ ୫୧ ବଲ୍‌ରୁ ଦ୍ରୁତ ୧୦୦ରନ୍ ସଂଗ୍ରହ କରିଥିଲେ ।

ନ୍ୟୁଜିଲାଣ୍ଡ ଏବଂ ଶ୍ରୀଲଙ୍କା ମଧ୍ୟରେ କଲମ୍ବୋର ଆର୍. ପ୍ରେମଦାସା ଷ୍ଟାଡିୟମ୍‌ରେ ସନ୍ଧ୍ୟା ୭ଟାରେ ଆଜି ଗ୍ରୁପ୍-୨ର ସୁପର୍-ଏଇଟ୍ ପର୍ଯ୍ୟାୟର ପରବର୍ତ୍ତୀ ମ୍ୟାଚ୍ ଖେଳାଯିବ ।